# ଚିକିଲି ଗାଁରେ ଭାଲୁ ଆତଙ୍କ

**କୋକସରା, ୨୦।୬ (ସମିସ):** ଜଙ୍ଗଲ କ୍ଷୟ ଯୋଗୁଁ ଆହାର ସନ୍ଧାନରେ ବନ୍ୟଜନ୍ତୁ ଗାଁ ମୁହାଁ ହେଉଥିବା ବେଳେ ଶନିବାର ସକାଳୁ କୋକସରା ଫରେଷ୍ଟ ସେକ୍ସନ ଅଧୀନସ୍ଥ ଚିକିଲି ଗ୍ରାମରେ ଏକ ଭାଲୁ ପଶି ଆତଙ୍କ ସୃଷ୍ଟି କରିଛି। ଗାଁ ଦାଣ୍ଡରେ ଏକ ହିଂସ୍ର ଭାଲୁ ବୁଲୁଥିବା ଦେଖି ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଥିଲା। ଅନେକେ ଜୀବନ ବିକଳରେ ନିଜ ନିଜ ଘର ଛାତ ଉପରକୁ ଚଢ଼ିଯାଇଥିଲେ। ଖବର ପାଇ କୋକସରା ବନପାଳ ରଶ୍ମୀତା ନାଏକ ତାଙ୍କ ଟିମ୍ ସହ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ବନ କର୍ମଚାରୀମାନେ ଭାଲୁର ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିବା ସହ ଗ୍ରାମବାସୀଙ୍କୁ ସତର୍କ ରହିବାକୁ ସଚେତନ କରିଥିଲେ। ସୂଚନା ଅନୁସାରେ, ନିକଟସ୍ଥ ପାହାଡ଼ରୁ ଖାଦ୍ୟ ସନ୍ଧାନରେ ଭାଲୁଟି ଗ୍ରାମ ଭିତରକୁ ଚାଲିଆସିଥିଲା। ବନ ବିଭାଗ ଏବଂ ସ୍ଥାନୀୟଲୋକେ ମିଳିତ ପରିଶ୍ରମରେ ଭାଲୁଟିକୁ କୌଣସି କ୍ଷତି ନପହଞ୍ଚାଇ ସୁରକ୍ଷିତ ଭାବେ ଜଙ୍ଗଲକୁ ଘଉଡ଼ାଇବା ପାଇ ଉଦ୍ୟମ ଜାରି ରଖିଛନ୍ତି। ଭାଲୁଟି ନିକଟସ୍ଥ ଡୋକରୀ ଜଙ୍ଗଲ ଆଡ଼କୁ ନେବାକୁ ବନ ବିଭାଗ ଚେଷ୍ଟା କରାଯାଇଥିବା ବେଳେ ପୁଣିଥରେ ଭାଲୁ ଆସିବା ଆଶଙ୍କା କରି ଅଞ୍ଚଳବାସୀ ଏବେ ସୁଦ୍ଧା ଭୟଭୀତ ଅଛନ୍ତି। ବନ୍ୟଜନ୍ତୁଙ୍କ ସୁରକ୍ଷା ଓ ଗ୍ରାମବାସୀଙ୍କ ନିରାପତ୍ତା ପାଇଁ ବନ ବିଭାଗ ପକ୍ଷରୁ ନିୟମିତ ପାଟ୍ରୋଲିଂ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।



## ଶିକ୍ଷା ବିଭାଗରେ କିରାଣି ବଦଳି ପ୍ରସଙ୍ଗ

# ଗୋଟିଏ ସହରରେ ଆସ୍ଥାନ ଜମାଇଛନ୍ତି କର୍ମଚାରୀ

**ଭବାନୀପାଟଣା, ୨୦।୬(ସମିସ)**

କଳାହାଣ୍ଡି ଜିଲ୍ଲା ଶିକ୍ଷା ବିଭାଗରେ କର୍ମଚାରୀ ବଦଳି ନୀତି ସମସ୍ତଙ୍କୁ ବିସ୍ମିତ କରିଛି। ପୂର୍ବରୁ ରାଜ୍ୟ ସରକାରଙ୍କ କୌଣସି ବିଭାଗରେ ଏଭଳି ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇ ନ ଥିବା ବହୁ ଅଭିଜ୍ଞ କର୍ମଚାରୀ ପ୍ରକାଶ କରିଛନ୍ତି। ଇତିମଧ୍ୟରେ ଗତ ୧୨ତାରିଖରେ ୨୧ଜଣ କିରାଣିଙ୍କ ବଦଳି ଆଦେଶ ଖୋଦ୍ ଜିଲ୍ଲା ଅଧିକାରୀ କରିଥିଲେ। କିନ୍ତୁ ୬ଦିନ ପରେ ଜିଲ୍ଲା ଶିକ୍ଷାଧିକାରୀ ଜିଲ୍ଲାରେ ଅନୁପସ୍ଥିତ ଥିବାବେଳେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସେହି ବଦଳିକୁ ବାତିଲ କରିଛନ୍ତି। କାହିଁକି ବାତିଲ କରାଗଲା ପଚରାଯିବାରୁ ଏଡିଓଙ୍କ ଉତ୍ତର ଥିଲା, ପୂର୍ବ ବଦଳି ଆଦେଶକୁ ନେଇ ଅନେକ ଅଭିଯୋଗ ଦୃଷ୍ଟିକୁ ଆସିଥିଲା। ତେଣୁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ପୁନର୍ବାର ନୂଆ ବଦଳି ଅର୍ଡର ପ୍ରକାଶ ପାଇବ। ଏଥିରୁ ସ୍ପଷ୍ଟ ହେଉଛି ବଦଳି ଅର୍ଡରରେ ଜିଲ୍ଲାପାଳ ସନ୍ତୁଷ୍ଟ ନୁହଁନ୍ତି। ଜିଲ୍ଲାପାଳ ଅସନ୍ତୁଷ୍ଟ ହେବାର କାରଣ, ଯେଉଁ ଅମଲାମାନଙ୍କ ବଦଳି ହୋଇଥିଲା ପ୍ରାୟ ଅଧିକାଂଶଙ୍କୁ ସହର ଭିତରେ ଥିବା ଅନ୍ୟ ବିଭାଗୀୟ କାର୍ଯ୍ୟାଳୟକୁ ଏବଂ କିଛି କର୍ମଚାରୀଙ୍କୁ ସହର ଉପକଣ୍ଠକୁ ବଦଳି କରି ଦାୟିତ୍ୱ ସାରିଦେଇଛନ୍ତି। ଯୁଗ ବଦଳୁଛି, ଆଇନ ବଦଳୁଛି କିନ୍ତୁ ଶିକ୍ଷା ବିଭାଗର ବଦଳି ନୀତି ବଦଳୁନାହିଁ। ବସୁଧୈବ କୁଟୁମ୍ବକମ୍ ନୀତିରେ ସବୁ ଚାଲିଛି। ବର୍ଷବର୍ଷ ଧରି ଗୋଟିଏ ବିଭାଗ ଗୋଟିଏ ସହରରେ କେତେଜଣ ଚାକିରି ଜୀବନ ବିତାଇବାକୁ ଚେଷ୍ଟାକରି ସଫଳ ହେଉଛନ୍ତି। ଶିକ୍ଷା ବିଭାଗରେ ବଦଳି ଓ ବାତିଲ ଚିଠି ନୀତି ନିୟମର ସବୁ ସୀମା ପାର ହୋଇଯାଇଛି। ଜୁନ ୧୨ରେ ବଦଳି, ୧୮ରେ ବାତିଲ ପ୍ରସଙ୍ଗ ଯେମିତି ଏକ ଛତ୍ରବାଦ ଶାସନର ପ୍ରତିଫଳନ। ରାଜ୍ୟ ସରକାରଙ୍କ ପ୍ରଶାସନିକ ନିୟମ ଅନୁସାରେ କୌଣସି ବି ସରକାରୀ କର୍ମଚାରୀ ଗୋଟିଏ ସ୍ଥାନରେ ୩ ବର୍ଷରୁ ଅଧିକ ସମୟ ରହିପାରିବେ ନାହିଁ। ବିଶେଷ କରି ସାଧାରଣ ପ୍ରଶାସନ ବିଭାଗର ଗାଇଡଲାଇନ୍ ଅନୁସାରେ, ୩ ବର୍ଷରୁ ଅଧିକ ସମୟ ଧରି ଗୋଟିଏ ଶିକ୍ଷା ବର୍ଷରେ ଥିବା ୫୦ ପ୍ରତିଶତ କର୍ମଚାରୀଙ୍କୁ ତୁରନ୍ତ ବଦଳି କରିବାକୁ ନିର୍ଦ୍ଦେଶ ରହିଛି। ଏହି ବଦଳି ପାଳା ପଛରେ କେଉଁ କର୍ମଚାରୀ ବା ଅଧିକାରୀଙ୍କର ବ୍ୟକ୍ତିଗତ ସ୍ୱାର୍ଥ ରହିଛି, ତାହାର ତଦନ୍ତ ହେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ବଦଳି ବାତିଲ ପରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ହେମ ସାଗର ମହାନନ୍ଦ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ବଦଳି ଚୂଡାନ୍ତ ହେବବୋଲି ସୂଚନା ଦେଇ ସନ୍ଦେହକୁ ଅଧିକ ଜଟିଳ କରିଦେଇଛନ୍ତି। ବଦଳି ଆଦେଶରେ ଜାଣିଶୁଣି କେତେକଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରାଯାଇ ସହର ଏବଂ ସହରତଳି ଅଞ୍ଚଳକୁ ବଦଳିକରି ଯେଉଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛନ୍ତି ତାହା ଜିଲ୍ଲାବ୍ୟାପୀ ଚର୍ଚ୍ଚା ଚାଲିଛି।

# କୋମନା ବ୍ଲକରେ 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ

**କୋମନା, ୨୦।୬(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅଫିସ ପରିସରରେ ୪ ଦିନିଆ ବ୍ଲକସ୍ତରୀୟ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ଅନୁଶୟା କୁମ୍ଭାର, ପ୍ରଦୀପ କୁମାର ସାମଲ, ଜୟଦେବ ପ୍ରଧାନ, ବିମଳ ଯୋଶୀ ଅତିଥିଭାବେ ଯୋଗଦାନ କରିଥିଲେ। ଭକ୍ତବନ୍ଧୁ ବୁଡେକ୍ ସଭା ପରିଚାଳନା କରିଥିଲେ।

# ମୌଳିକ କର୍ତ୍ତବ୍ୟ ଉପରେ ଆଇନ ସଚେତନତା ଶିବିର

**କେସିଙ୍ଗା, ୨୦।୬(ସମିସ):** ତାଲୁକ ଆଇନ ସେବା ସମିତି କେସିଙ୍ଗା ତରଫରୁ ଶନିବାର ଅଦାଲତ ପରିସରରେ ମୌଳିକ କର୍ତ୍ତବ୍ୟ ଉପରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ତଥା ଅଧ୍ୟକ୍ଷା ତାଲୁକ୍ ଆଇନ ସେବା ସମିତି କେସିଙ୍ଗା ଦୀପ୍ତା ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଶିବିରରେ ସରକାରୀ ଓକିଲ ସନ୍ତୋଷ କୁମାର ଦାସ, ବରିଷ୍ଠ ଆଇନଜୀବୀ ଚିତ୍ତରଞ୍ଜନ ଭୋଇ, ସୌମ୍ୟ ରଞ୍ଜନ ମିଶ୍ର, ହରିପ୍ରସାଦ ତାଣ୍ଡି, ମନୋଜ କୁମାର ନାଗ, ରାକେଶ କୁମାର ପାତ୍ର, ସୁନ୍ଦର ବାବୁ ପାତ୍ରଙ୍କ ସମେତ ଅନ୍ୟ ବରିଷ୍ଠ ଆଇନଜୀବୀ ଉପସ୍ଥିତ ଥିଲେ।

# 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ

**ମ.ରାମପୁର, ୨୦।୬(ସମିସ):** କେନ୍ଦ୍ର ସରକାରଙ୍କ ୧୨ ବର୍ଷ ଓ ରାଜ୍ୟ ସରକାରଙ୍କ ୨ବର୍ଷ ପୂର୍ତ୍ତି ଅବସରରେ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ମ.ରାମପୁର ପଞ୍ଚାୟତ ସମିତି ତରଫରୁ ଅନୁଷ୍ଠିତ ହୋଇଯାଇଛି। ମ.ରାମପୁର ପଞ୍ଚାୟତ ସମିତି ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ଶରତ କୁମାର ସେଠୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ବ୍ଲକ ଅଧ୍ୟକ୍ଷା ମନ୍ଦାକିନୀ ସିଂହଦେଓ, ମୁଖ୍ୟବକ୍ତା ପଦ୍ମଲୋଚନ ମିଶ୍ର, ତହସିଲଦାର ମୀମାଂସା ସାହୁ, ଗୋକୁଳାନନ୍ଦ ବିଶ୍ୱାଳ ଓ ଯଜ୍ଞ ସେନ ପଣ୍ଡା, ସଂଯୋଜକ ବିଜୟ ମହାଖୁଡ଼ ଯୋଗ ଦେଇଥିଲେ। ହେମନ୍ତ ସାହୁ ସଭା ପରିଚାଳନା କରିଥିଲେ। ଏବିଡିଓ ଲକ୍ଷ୍ମଣ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶ୍ୟାମସୁନ୍ଦର ନାଏକ, ରାଶି ମାଝୀ, କୁଳମଣି ସିଂହ ସହଯୋଗ କରିଥିଲେ।

# ଅନ୍ତର୍ଜାତୀୟ ନିଶା ଅପବ୍ୟବହାର ଓ ଅବୈଧ ଚାଲାଣ ବିରୋଧୀ ଦିବସ

**ନୂଆପଡ଼ା/ସିନାପାଲି, ୨୦।୬ (ସମିସ):** ଅନ୍ତର୍ଜାତୀୟ ନିଶା ଅପବ୍ୟବହାର ଏବଂ ଅବୈଧ ଚାଲାଣ ବିରୋଧୀ ଦିବସ-୨୦୨୬ ପାଳନ ଅବସରରେ ଜିଲ୍ଲା ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତଥା ଅବକାରୀ ବିଭାଗର ମିଳିତ ଆନୁକୂଲ୍ୟରେ ଏକ ସଚେତନତା ରାଲି ଏବଂ ସ୍ୱାକ୍ଷର ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ମଧୁସୂଦନ ଦାଶ ଶୋଭାଯାତ୍ରାକୁ ଶୁଭାରମ୍ଭ କରିଥିଲେ। ରାଲି ସମୟରେ ନିଶାଦ୍ରବ୍ୟର କୁପ୍ରଭାବ ଏବଂ ନିଶାମୁକ୍ତ ସମାଜ ଗଠନର ବାର୍ତ୍ତା ସମ୍ବଳିତ ସ୍ଲୋଗାନ ମାଧ୍ୟମରେ ସାଧାରଣ ଲୋକଙ୍କୁ ସଚେତନ କରାଯାଇଥିଲା। ପରେ ଏକ ସ୍ୱାକ୍ଷର ଅଭିଯାନ ଆୟୋଜିତ ହୋଇଥିଲା। ଏହି ରାଲିରେ ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଇତ, ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମୀ ସୋରେନଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ଶିକ୍ଷକ, ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ଏବଂ ବିଭିନ୍ନ ଅଣ-ସରକାରୀ ସଂଗଠନର ପ୍ରତିନିଧି ଅଂଶଗ୍ରହଣ କରିଥିଲେ।

## ଅଧୁରା ବିକାଶ ପ୍ରକଳ୍ପକୁ ମିଳିଲା ନୂଆ ଆଶା

# ଉଦନ୍ତୀ ବ୍ୟାରେଜ୍ ଓ ଷ୍ଟାଡିୟମ ସ୍ଥାପନ ପାଇଁ ପୂର୍ବତନ ମନ୍ତ୍ରୀଙ୍କ ପ୍ରତିଶ୍ରୁତି

**ସିନାପାଲି, ୨୦।୬(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକର ଦୀର୍ଘଦିନର ଅଧୁରା ବିକାଶ ପ୍ରକଳ୍ପକୁ ନେଇ ପୁଣିଥରେ ଆଶାସଞ୍ଚାର ହୋଇଛି। ଚାଷୀଙ୍କ ଜଳସେଚନ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଉଦନ୍ତୀ ବ୍ୟାରେଜ୍ ପ୍ରକଳ୍ପର କାର୍ଯ୍ୟକାରିତା ଏବଂ ସିନାପାଲିଠାରେ ଆଧୁନିକ ଷ୍ଟାଡିୟମ ସ୍ଥାପନ ସହ ଅଞ୍ଚଳର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି ପୂର୍ବତନ ମନ୍ତ୍ରୀ ଭୂପେନ୍ଦ୍ର ସିଂ। ସିନାପାଲି ପଞ୍ଚାୟତ ସମିତି ବିଶ୍ରାମ ଗୃହ ପରିସରରେ ଶ୍ରୀ ସିଂଙ୍କ ଦିନିକିଆ ଗସ୍ତ ଅବସରରେ ଆୟୋଜିତ ଏକ ଭାବପୂର୍ଣ୍ଣ ବନ୍ଧୁ ମିଳନ ଓ ସାଧାରଣ ବୈଠକରେ ଏହାକୁ ନେଇ ବିସ୍ତୃତ ଆଲୋଚନା ହୋଇଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ସିନାପାଲି ବ୍ଲକର ବିଭିନ୍ନ ପଞ୍ଚାୟତରୁ ଶତାଧିକ ପ୍ରତିନିଧି ଓ ସାଧାରଣ ଲୋକ ସାମିଲ ହୋଇଥିଲେ। ଅଞ୍ଚଳବାସୀ ବର୍ଷ ବର୍ଷ ଧରି ଅପେକ୍ଷା କରି ରହିଥିବା ଏବଂ ପ୍ରଶାସନିକ ଅବହେଳା ଯୋଗୁଁ ଅଟକି ରହିଥିବା ପ୍ରକଳ୍ପଗୁଡ଼ିକକୁ ଶ୍ରୀ ସିଂଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ବହୁ ପ୍ରତୀକ୍ଷିତ ବ୍ୟାରେଜ୍ ନିର୍ମାଣ ଦ୍ୱାରା ସ୍ଥାନୀୟ ଅଞ୍ଚଳର ଶତାଧିକ ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ମିଳିପାରିବ ଏବଂ ଚାଷୀମାନେ ଉପକୃତ ହେବେ। ଆଇନଜୀବୀ ବୈଶମ୍ପାୟନ ମେହେର, ପୂର୍ବତନ ଚେୟାରମ୍ୟାନ ନୀଳମଣି ମେହେର, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଲିଙ୍ଗରାଜ ଘିଭେଲା, ଶଶିଭୂଷଣ ମାଝୀ, ରମେଶ ତିୱାରୀଙ୍କ ସମେତ ବହୁ ସମାଜସେବୀ ଓ ବୁଦ୍ଧିଜୀବୀ ସାମିଲ ହୋଇଥିଲେ। ସମସ୍ତ ନେତୃବୃନ୍ଦ ଦଳମତ ନିର୍ବିଶେଷରେ ସିନାପାଲିର ସର୍ବାଙ୍ଗୀଣ ବିକାଶ ତଥା ସ୍ଥାନୀୟ ସମସ୍ୟାର ତ୍ୱରିତ ସମାଧାନ ପାଇଁ ଏକତାବଦ୍ଧ ହୋଇ କାର୍ଯ୍ୟ କରିବାକୁ ସଂକଳ୍ପ ନେଇଛନ୍ତି।



# ଚାମେଲିଙ୍କୁ ନ୍ୟାୟ ଦାବିରେ ସରପଞ୍ଚ ସଂଘର ପ୍ରତିବାଦ

**ଭବାନୀପାଟଣା, ୨୦।୬(ସମିସ):** ରାଜ୍ୟ ସରପଞ୍ଚ ମହାସଂଘର ନିଷ୍ପତ୍ତି କ୍ରମେ କଳାହାଣ୍ଡି ଜିଲ୍ଲା ସରପଞ୍ଚ ସଂଘ ପକ୍ଷରୁ ଭବାନୀପାଟଣା ସ୍ଥିତ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ସରପଞ୍ଚ ଚାମେଲି ଓଝାଙ୍କୁ ନ୍ୟାୟ ଦାବିରେ ଶନିବାର ଭବାନୀପାଟଣା ଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହେଇଥିଲା। ସରପଞ୍ଚ ଚାମେଲି ଓଝାଙ୍କୁ ବିରୋଧରେ ହୋଇଥିବା ମକଦ୍ଦମା ଓ ଦୁର୍ବ୍ୟବହାରକୁ ଦୃଢ଼ ନିନ୍ଦା କରିଥିଲା ସଂଘ। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ କଳାହାଣ୍ଡି ଜିଲ୍ଲାପାଳଙ୍କୁ ଏକ ୪ ଦଫା ବିଶିଷ୍ଟ ଦାବିପତ୍ର ପ୍ରଦାନ କରାଯାଇଥିଲା। ଜିଲ୍ଲା ସରପଞ୍ଚ ସଂଘ କାର୍ଯ୍ୟକାରୀ ସଭାପତି ତାରାଶଙ୍କର ରାୟଗୁରୁଙ୍କ ଅଧ୍ୟକ୍ଷତାରେ ଏହି ପ୍ରତିବାଦ ସଭାରେ ରାଜ୍ୟ ସଂଘ ସଭାପତି ରୋମାଞ୍ଚ ସାହୁଙ୍କ ସମେତ ଜିଲ୍ଲାର ସମସ୍ତ ବ୍ଲକର ସଭାପତି ଓ ବିଭିନ୍ନ ପଞ୍ଚାୟତରୁ ୧୦୦ରୁ ଉର୍ଦ୍ଧ୍ୱ ସରପଞ୍ଚ ସାମିଲ ହେଇଥିଲେ।

# ନିଖୋଜ ଭିନ୍ନକ୍ଷମ ଯୁବତୀ ଉଦ୍ଧାର

**ନୂଆପଡ଼ା/କୋମନା, ୨୦।୬ (ସମିସ):** ଜିଲ୍ଲା କୋମନାସ୍ଥିତ ସ୍ୱାଧାର କେନ୍ଦ୍ର 'ଶକ୍ତି ସଦନ'ର ନିରନ୍ତର ପ୍ରୟାସ ବଳରେ ଜଣେ ନିଖୋଜ ମୂକ ଓ ବଧିର ଯୁବତୀ ଉଦ୍ଧାର ହୋଇ ନିଜ ପରିବାରଲୋକଙ୍କୁ ଫେରି ପାଇଛନ୍ତି। ସୂଚନା ଅନୁଯାୟୀ, ଏପ୍ରିଲ ମାସରେ କୋମନା ଥାନା ଅଧୀନ ଜଡ଼ାମୁଣ୍ଡା ବସ୍ ଷ୍ଟାଣ୍ଡରେ ଜଣେ ଅପରିଚିତ ଯୁବତୀ ଅସହାୟ ଭାବେ ବୁଲୁଥିବା ନେଇ ଶକ୍ତି ସଦନ କର୍ତ୍ତୃପକ୍ଷ ବିଶେଷ ସୂତ୍ରରୁ ଖବର ପାଇଥିଲେ। ଏହାପରେ ତୁରନ୍ତ ସ୍ଥାନୀୟ ପୁଲିସକୁ ସୂଚନା ଦିଆଯାଇଥିଲା। ପୁଲିସ ସହାୟତାରେ ଯୁବତୀଙ୍କୁ ଉଦ୍ଧାର କରାଯାଇ ସୁରକ୍ଷିତ ଭାବେ ସ୍ୱାଧାରକେନ୍ଦ୍ର ଶକ୍ତି ସଦନକୁ ହସ୍ତାନ୍ତର କରାଯାଇଥିଲା। ଦୀର୍ଘ ଦିନ ଧରି ନିଖୋଜ ଥିବା ଭଉଣୀକୁ ସୁରକ୍ଷିତ ଭାବେ ଫେରିପାଇ ଭାଇ ଓ ପରିବାର ଲୋକେ ଶକ୍ତି ସଦନ ଏବଂ ପୁଲିସ ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି। ଯୁବତୀଙ୍କୁ ପରିବାର ସହ ପୁନଃମିଳନ କରାଇବା ସମୟରେ ସ୍ୱାଧାର କେନ୍ଦ୍ରଶକ୍ତି ସଦନର ପରିଚାଳିକା ସୋନାଲି ପାଣିଗ୍ରାହୀ ଏବଂ ଜିଲ୍ଲା ଶିଶୁ ସୁରକ୍ଷା କମିଟିର ସଦସ୍ୟ ଗଙ୍ଗାଧର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ଘରେ ପଶି ଲୁଟିନେଲେ ଟଙ୍କା ଓ ସୁନା ଗହଣା

**କୋକସରା, ୨୦।୬(ସମିସ):** କୋକସରା ଥାନା ଅଧୀନ ଖୁଣ୍ଟିଆ ପଞ୍ଚାୟତ ମିର୍ଜାପୁର ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଚୋରମାନେ ଗ୍ରାମର ଜଣେ ଦିନମଜୁରିଆଙ୍କ ଘରୁ ନଗଦ ଟଙ୍କା ସହ ସୁନା ଗହଣା ଲୁଟି ନେଇଛନ୍ତି। ପ୍ରାପ୍ତସୂଚନା ଅନୁଯାୟୀ, ମିର୍ଜାପୁର ଗ୍ରାମର ଭୁବନେଶ୍ୱର ନାଗ ଜଣେ ଗରିବ ଦିନମଜୁରିଆ ଭାବେ କାମ କରନ୍ତି। ଆଗକୁ ପୁଅ ବିବାହ କରିବା ନେଇ ସେ ଦିନରାତି ପରିଶ୍ରମ କରି କିଛି ସୁନା ଓ ନଗଦ ଟଙ୍କା ସଞ୍ଚୟ କରି ରଖିଥିଲେ। ହେଲେ ଶୁକ୍ରବାର ବିଳମ୍ବିତ ରାତିରେ ଚୋରମାନେ ତାଙ୍କ ଘରେ ପଶି ସମସ୍ତ ସଞ୍ଚିତ ୩ ଭରି ସୁନା ଏବଂ ନଗଦ ଏକ ଲକ୍ଷ ଟଙ୍କା ଚୋରି କରି ନେଇଛନ୍ତି। ପରିଶ୍ରମର ସଞ୍ଚିତ ଅର୍ଥ ହରାଇବା ପରେ ଭୁବନେଶ୍ୱରଙ୍କ ପରିବାର ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି। ଏ ନେଇ ଭୁବନେଶ୍ୱର ନାଗ କୋକସରା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ପରିବାର ଲୋକେ ଓ ସ୍ଥାନୀୟ ବାସିନ୍ଦା ଚୋରମାନଙ୍କୁ ଶୀଘ୍ର ଗିରଫ କରିବା ସହ ସାମଗ୍ରୀ ଉଦ୍ଧାର ପାଇଁ ଦାବି କରିଛନ୍ତି।

# ଓଲଟିଲା ହାଇୱା; ଡ୍ରାଇଭର ମୃତ

**ଲାଞ୍ଜିଗଡ଼, ୨୦।୬ (ସମିସ):** ଭବାନୀପାଟଣାରୁ ବିଶାଖାପାଟଣାକୁ ସଂଯୋଗ କରୁଥିବା ୬ ନମ୍ବର ଜାତୀୟ ରାଜପଥର କୁଚେଇପୋର (ଡେଙ୍ଗେନ୍) ଘାଟି ନିକଟରେ ଫ୍ଲାଏ ଆଶ୍ ବୋଝେଇ ଏକ ହାଇୱା ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡ଼ିବା ଫଳରେ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି।

ସୂଚନା ଅନୁଯାୟୀ, ଲାଞ୍ଜିଗଡ଼ ଠାରୁ ଫ୍ଲାଏଆଶ୍ ବୋଝେଇ କରି ଓଡି-୧୯-ଉଇ-୩୩୬୫ ହାଇୱା ଭବାନୀପାଟଣା ଆଡ଼କୁ ଯାଉଥିଲା। କୁଚେଇପୋର ରାସ୍ତାରେ ଗାଡ଼ି ନିୟନ୍ତ୍ରଣ ହରାଇ ରାସ୍ତା ଉପରେ ଓଲଟି ଯାଇଥିଲା। କ୍ୟାବିନ୍ ଚାପି ହୋଇଯିବା ଫଳରେ ଡ୍ରାଇଭର ଚାପିହୋଇ ମୃତ୍ୟୁବରଣ କରିଥିଲେ। ସିକେରକୁପା ଫାଣ୍ଡି ଅଧିକାରୀ ମୂରଲୀ ମୋହନ ପିଡିକା ତୁରନ୍ତ ନର୍ଲା ପୁଲିସ ଓ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ନର୍ଲା ଅଗ୍ନିଶମ ବାହିନୀର ଉଦ୍ୟମ ପରେ ଚାପି ହୋଇ ରହିଥିବା ଡ୍ରାଇଭରଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା।

# ସଂସଦ ସେଣ୍ଟ୍ରାଲ ହଲ୍‌ରେ କଳାହାଣ୍ଡି ଛାତ୍ରୀ ଝାନ୍‌ସୀଙ୍କ କମାଲ

**ଭବାନୀପାଟଣା, ୨୦।୬(ସମିସ):** ନୂଆଦିଲ୍ଲୀସ୍ଥିତ ସଂସଦଭବନର ସେଣ୍ଟ୍ରାଲ ହଲରେ ଗତ ୧୫ ରୁ ୧୭ ତାରିଖ ଯାଏଁ ଜାତୀୟସ୍ତରୀୟ ବିକଶିତ ଭାରତ ଯୁବ ପାର୍ଲାମେଣ୍ଟ -୨୦୨୬ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ମାଁ' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ସମାଜ ବିଜ୍ଞାନ ବିଭାଗ ଛାତ୍ରୀ ଝାନସୀରାଣୀ ମିଶ୍ର 'ନାରୀ ସଶକ୍ତିକରଣ' ଶୀର୍ଷକ ଉପରେ ଉଚ୍ଚ କୋଟିର ବକ୍ତୃତା ଉପସ୍ଥାପନ କରି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଏହି କାର୍ଯ୍ୟକ୍ରମରେ ଝାନସୀ ଓଡ଼ିଶାକୁ ପ୍ରତିନିଧିତ୍ୱ କରି ନିଜ ବକ୍ତବ୍ୟ ପାଇଁ ଅନେକ ପ୍ରଶଂସା ସାଉଁଟିଛନ୍ତି। ଦେଶର ୧୦୮ ଜଣ ଛାତ୍ରୀଛାତ୍ର ଭାଗ ନେଇଥିବାବେଳେ ଓଡ଼ିଶାର ୩ ଜଣ ରହିଥିଲେ। ମୁଖ୍ୟ ଅତିଥି ଭାବେ ଲୋକସଭା ବାଚସ୍ପତି ଓମ୍ ବିର୍ଲା ସମେତ ଅତିଥି ଭାବେ ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରୀ ଡ଼.ମନସୁଖ ମାଣ୍ଡଭିୟା ଯୋଗ ଦେଇଥିଲେ। ଝାନସୀ ନର୍ଲା ପଞ୍ଚାୟତ ସମିତି ମହାବିଦ୍ୟାଳୟର ଅବସର ପ୍ରାପ୍ତ ଅଧ୍ୟାପିକା ପୁଷ୍ପଲତା କରଙ୍କ ଝିଅ ଏବଂ ସମାଜସେବୀ ତଥା ରାଜନୀତିଜ୍ଞ ସ୍ୱର୍ଗତ ଦୁର୍ଗା ଶଙ୍କର କରଙ୍କ ନାତୁଣୀ।



# ଜିଲ୍ଲାସ୍ତରୀୟ 'ଗାଁ ଆମ୍ବ ପସରା' ଉଦ୍‌ଘାଟିତ

**ନୂଆପଡ଼ା/ସିନାପାଲି/କୋମନା, ୨୦।୬(ସମିସ):** ଓଡ଼ିଶା ଗ୍ରାମୀଣ ବିକାଶ ଓ ବିପଣନ ସମିତି ଏବଂ ନୂଆପଡ଼ା ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଜିଲ୍ଲା ମୁଖ୍ୟାଳୟରେ ପାଞ୍ଚଦିନିଆ ଜିଲ୍ଲାସ୍ତରୀୟ ଆମ୍ବ ମେଳା-୨୦୨୬ ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସାଂସଦ ପ୍ରତିନିଧି ପ୍ରେମ ଅଗ୍ରୱାଲ, ଡିଏଫ୍‌ଓ ସମୀର କୁମାର ସାହୁ, ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଇତ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମୀ ସୋରେନ, ଓରମାସ ଡେପୁଟି ସିଇଓ ବିଦେଶ ଘୋଷ ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଚଳିତ ବର୍ଷର ଆମ୍ବ ମେଳାରେ ଜିଲ୍ଲାର ସ୍ଥାନୀୟ ଚାଷୀ ଓ ଉଦ୍ୟୋଗୀମାନଙ୍କ ଦ୍ୱାରା ଉତ୍ପାଦିତ ପ୍ରାୟ ୪୫ଟି ଉନ୍ନତ ପ୍ରଜାତିର ଆମ୍ବ ପ୍ରଦର୍ଶିତ ହୋଇଛି। ଜିଲ୍ଲାରେ ଆମ୍ବ ଚାଷକୁ ପ୍ରୋତ୍ସାହିତ କରିବା, ଚାଷୀମାନଙ୍କ ପାଇଁ ବିପଣନ ସୁଯୋଗ ସୃଷ୍ଟି କରିବା, ଉନ୍ନତ ପ୍ରଜାତିର ଆମ୍ବ ଚାଷ ସମ୍ପର୍କରେ ସଚେତନତା ବୃଦ୍ଧି କରିବା ଏହି ମେଳାର ଉଦ୍ଦେଶ୍ୟ।



# ଖଣ୍ଡୁଆଳ ମାଳି ପରବ୍-୨୦୨୬ ପାଳିତ

**ଥୁଆମୂଳ ରାମପୁର, ୨୦।୬(ସମିସ):** କଳାହାଣ୍ଡି ଜିଲ୍ଲାର ଥୁଆମୂଳ ରାମପୁର ବ୍ଲକ ଅଧୀନ ଗୁଣପୁର ପଞ୍ଚାୟତର ପୋଲିଙ୍ଗପଦର ଗ୍ରାମ ନିକଟସ୍ଥ ଖଣ୍ଡୁଆଳ ମାଳି ପାହାଡ଼ ଶିଖରରେ ଖଣ୍ଡୁଆଳ ମାଳି ପରବ (ବୁଢ଼ାରାଜା ପରବ) ପାଳିତ ହୋଇଯାଇଛି। ଦୁଇଦିନ ଧରି ଆୟୋଜିତ ଏହି ପରବ ଆଦିବାସୀ ସଂସ୍କୃତି, ପରମ୍ପରା ଓ ପରିବେଶ ସୁରକ୍ଷାର ଏକ ଅନନ୍ୟ ପ୍ରତୀକ ଭାବେ ଉଭା ହୋଇଛି। ପବିତ୍ର ଖଣ୍ଡୁଆଳ ମାଳିରେ ଭକ୍ତି ଓ ପରମ୍ପରାର ମିଳନ। ଦୁର୍ଗମ ପାହାଡ଼ିଆ ରାସ୍ତା ଦେଇ ୧୦ରୁ ୧୫ କିଲୋମିଟର ପଦଯାତ୍ରା କରି ଭକ୍ତମାନେ ପାହାଡ଼ ଶିଖରରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ। ପରବରେ ଆଦିବାସୀ ମହିଳାମାନେ ପାରମ୍ପରିକ ପୋଷାକ ପରିଧାନ କରି କଳସ ଯାତ୍ରା କରିଥିବା ବେଳେ ପୁରୁଷମାନେ ଧନୁଷ-ବାଣ ସହ ନୃତ୍ୟ ପ୍ରଦର୍ଶନ କରିଥିଲେ। ପରିବେଶ ସୁରକ୍ଷାର ସନ୍ଦେଶ ଦେଲା ପରବ୍। ଆୟୋଜିତ ସଭାରେ ଖଣ୍ଡୁଆଳ ମାଳି ସ୍ଥାୟୀ ସୁରକ୍ଷା ସମିତିର ସଭାପତି କାର୍ତ୍ତିକ ମାଝୀ, ସମ୍ପାଦକ ବ୍ରିଟିଶ କୁମାର, ସମାଜସେବୀ ଉପେନ୍ଦ୍ର ନାଏକ, ସାନୁ ମାଝୀ, ମା ମାଟି ମାଳି ସୁରକ୍ଷା ମଞ୍ଚର ଉପସଭାପତି ଲାଇ ମାଝୀ, ହୀରାମଲ ନାଏକ, ଲକ୍ଷ୍ମଣ ନାଏକ, କୃଷକ ମଞ୍ଚର ସଭାପତି ଡମ୍ବରୁଧର ମହାରଣା ଓ ରାମକୃଷ୍ଣ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲକ୍‌ସ୍ତରୀୟ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ଓ ସୁଭଦ୍ରା ଶକ୍ତି ସମାବେଶ

**ଥୁଆମୂଳ ରାମପୁର, ୨୦।୬(ସମିସ)**

ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ଆନୁକୂଲ୍ୟରେ ଥୁଆମୂଳ ରାମପୁର ପଞ୍ଚାୟତ ସମିତି ସଭାଗୃହରେ ବ୍ଲକ ଲେବଲ୍ ଟେବୁଲ ଟପ୍ ଏକ୍ସରସାଇଜ୍-୨୦୨୬ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଧ୍ରୁବ ଚରଣ ମୁଦୁଲିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଗ୍ନିଶମ ବିଭାଗର ହାବିଲଦାର ବନମାଳୀ ପୁଜାରୀ ଓ ତାଙ୍କ ବିଭାଗର କର୍ମଚାରୀମାନେ ଯୋଗଦେଇଥିଲେ। ସେହିପରି ତହସିଲଦାର ସତ୍ୟ ସନାତନ ପାଣିଗ୍ରାହୀ, ଅତିରିକ୍ତ ତହସିଲଦାର ତପନ କୁମାର ପତି, ସିଡିପିଓ ମଧୁମାଳା ବାଗ ପ୍ରମୁଖ ଉପସ୍ଥିତ ଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ସମାବେଶ ଓ ସୁଭଦ୍ରା ଶକ୍ତି ସମ୍ବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଡିଓ ଶ୍ରୀ ମୁଦୁଲିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାବେଶରେ ଲୋକସଭା ସାଂସଦ ପ୍ରତିନିଧି ପବିତ୍ର ନାଏକ, ସିଡିପିଓ ମଧୁମାଳା ବାଗ, ଜିଲ୍ଲା ପରିଷଦ ସଦସ୍ୟା ଟୁନି ଖୋସ୍ଲା (ଦୁରିଆ), ସମିତି ସଭ୍ୟା ପୁଷ୍ପାଞ୍ଜଳି ନାଏକ ଏବଂ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷା କିଆମଣୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ଆବାସ ଯୋଜନା ସଂଯୋଜକ ରାଜେନ୍ଦ୍ର ନାରାୟଣ ଦେବ ମଞ୍ଚ ପରିଚାଳନା କରିଥିବାବେଳେ ମିଶନ ଶକ୍ତି ବ୍ଲକ ପ୍ରକଳ୍ପ ସଂଯୋଜକ ପ୍ରତାପ ନାଏକ, ବ୍ଲକ ଯୋଗାଣ ନିରୀକ୍ଷକ ବିଭୂରଞ୍ଜନ ସାହୁ, ବିଏସ୍‌ଏସ୍‌ଓ ସୁନାରାମ ସୁରେନ, ବ୍ଲକ ମଙ୍ଗଳ ଅଧିକାରୀ ଶୁଭଜିତ ରଞ୍ଜନ ସ୍ୱାଇଁ, ପ୍ରାଣିମିତ୍ର ଭାବିନିକା ବାଗ, ଦିବ୍ୟରଞ୍ଜନ ନାଏକ, ସିଆରପି ଗୌରମୀ ନାଏକ, ନବିନା ନାଏକ ସିଆରପି, କୃଷି ମିତ୍ର ଅବନ୍ତି ନାଏକ, ଯଜ୍ଞସିନୀ ଯନାଏକ ସମେତ୍ ବ୍ଲକ କର୍ମଚାରୀ ସୁଭଦ୍ରା ସହାୟକ ରଞ୍ଜିତ ନାଏକ ସହଯୋଗ କରିଥିଲେ।



# ଆକାଂକ୍ଷୀ ଜିଲ୍ଲା ଓ ଆକାଂକ୍ଷୀ ବ୍ଲକ ଜିଲ୍ଲାସ୍ତରୀୟ ସମ୍ମିଳନୀ

**ନୂଆପଡ଼ା/କୋମନା, ୨୦।୬(ସମିସ):** ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ 'ବିକାଶର ଧାରା, ଓଡ଼ିଶା ସାରା' ଜନସମ୍ପର୍କ କାର୍ଯ୍ୟକ୍ରମ ଅଧୀନ ଆକାଂକ୍ଷୀ ଜିଲ୍ଲା ଓ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମର ଜିଲ୍ଲାସ୍ତରୀୟ ସମ୍ମିଳନୀ ସ୍ଥାନୀୟ ସଦ୍‌ଭାବନା ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ବନଖଣ୍ଡ ଅଧିକାରୀ ଅଜିଜ ଖାନ, ବନଖଣ୍ଡ ଅଧିକାରୀ ସମୀର କୁମାର ସାହୁ, ସାଂସଦ ପ୍ରତିନିଧି ପ୍ରେମ ଅଗ୍ରୱାଲ, ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମି ସୋରେନ, ନୂଆପଡ଼ା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଜିଲ୍ଲା ପରିଷଦ ସଦସ୍ୟ ମୁରଲୀଧର ଭୋଇ, ଭରତଲାଲ ରାଉତ, ମାଲ୍ୟବନ୍ତ ସୁନା, ଭାନୁପ୍ରତାପ ସିଂ ମାଝୀ, ଅବନୀ ରଞ୍ଜନ ଯୋଶୀ ଓ ଉମା ଠାକୁରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ବହୁ ସଂଖ୍ୟକ ଜନସାଧାରଣ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରମ ବିଭାଗ ପକ୍ଷରୁ ଶ୍ରମିକ ପରିଚୟପତ୍ର, କୃଷି ବିଭାଗ ପକ୍ଷରୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଏବଂ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆୟୁଷ୍ମାନ କାର୍ଡ ବଣ୍ଟନ କରାଯାଇଥିଲା। ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଧରୁଆ ସ୍ୱାଗତଭାଷଣ ପ୍ରଦାନ କରିଥିବାବେଳେ ସ୍ୱଚ୍ଛଭାରତ ଜିଲ୍ଲା ସଂଯୋଜକ ଅନିଲ କୁମାର ଲେଙ୍କା ପରିଚାଳନା କରିଥିଲେ।

